# ପିଲାମାନଙ୍କ ପାଇଁ ବାଇବଲ ଉପହାର



## ଗିଦିୟୋନ୍‌ଙ୍କର ଛୋଟ ସୈନ୍ୟଦଳ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,• ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯିହୋଶୂୟଙ୍କ ମୃତୁ
ପରେ, ଇସ୍ରାଏଲ୍
ସନ୍ତାନଗଣ ଇଶ୍ୱରଙ୍କୁ ନିଜ
ଜୀବନରୁ ବାହାର
କରିଦେଇ ସଦାପ୍ରଭୁଙ୍କ
ଅବାଧ୍ୟ ହେଲେ ।



ସଦାପ୍ରଭୁଙ୍କ ସେମାନଙ୍କୁ
ମିଦିୟନିୟମାନଙ୍କ ହାତରେ
ସମର୍ପଣ କଲେ, ସେମାନେ
ଇସ୍ରାଏଲ୍ ଲୋକମାନଙ୍କର
ଗୃହ ଓ ଫସଲ ପୋଡ଼ି
ପକାଇଲେ । ତେଣୁ

ଇସ୍ରାଏଲ୍ ଲୋକମାନଙ୍କୁ ଗମ୍ଫାରେ
ବାସ କରିବାକୁ ପଡ଼ିଲା ।



ଏକ ଇସ୍ରାଏଲିୟ, ଗିଦିୟୋନ୍, ନିଶ୍ଚିତ ଭାବରେ ଏକ ଗୁପ୍ତସ୍ଥାନ ଥିଲା ଯେଉଁଠାରେ ସେ ଗହମ ଚାଷ କରିଥିଲେ । ସେ ସେହି ଗହମକୁ ଲୁଚାଇବା ପାଇଁ ଏକ

ବୃହତ୍ ଗଛ ମୂଳରେଥିବା ଗୁପ୍ତ ଦ୍ରାକ୍ଷାରସ କୁଣ୍ଡ ଭିତରେ ତାହା ମଲୁଥିଲା ।



ମିଦିୟନିୟ ଲୋକମାନେ ସେହି
ବିଷୟରେ ଅଜ୍ଞ ଥିଲେ କିନ୍ତୁ ସଦାପ୍ରଭୁ
ତାହା ଜାଣିଥିଲେ । ସଦାପ୍ରଭୁ ନିଜର
ଦୂତଙ୍କୁ ଏକ ସମ୍ବାଦ
ସହିତ ଗିଦିୟୋନ୍‌ଙ୍କ ନିକଟକୁ
ପ୍ରେରଣ କଲେ ।

ସଦାପ୍ରଭୁ ଚାହୁଁଥିଲେ ଯେ ଗିଦିୟୋନ୍ ନିଜେ ନିଜ ପିତାଙ୍କର ବାଲଦେବତାର ଯଜ୍ଞବେଦି ଭାଙ୍ଗି ପକାଇବେ ଓ ସତ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦି ନିର୍ମାଣ କରିବେ । ମାତ୍ର ଗିଦିୟୋନ୍ ଆପଣା ପିତୃପରିବାର ଓ ନଗରବାସିଙ୍କୁ ଭୟକଲେ କିନ୍ତୁ ସେ ସଦାପ୍ରଭୁଙ୍କ ଆଜ୍ଞାନୁସାରେ କଲେ ।



ସଦାପ୍ରଭୁ ଚ଼ହୁଁଥିଲେ ଯେ ଗିଦିୟୋନ୍ ଦୁଷ୍ଟ ମିଦିୟୋନମାନଙ୍କ ବିରୁଦ୍ଧରେ ଇସ୍ରାଏଲ୍ ସୈନ୍ୟଦଳର ନେତୃତ୍ୱ ନେବେ । କିନ୍ତୁ ଗିଦିୟୋନ୍ ଭୟ କରୁଥିଲେ । ସେ କହିଲେ ଯଦି ସଦାପ୍ରଭୁ ତାଙ୍କ ସହିତରେ ଅଟନ୍ତି ତାହାର ପ୍ରମାଣେ ଏକ ଚ଼ିହ୍ନ ମାଗଲେ ।



ତାପରେ ସେ
ଭୂମିରେ ଗଦାଏ
ମେଷଲୋମ ରଖିଲେ ।



ଯଦି କେବଳ ସେହି
ଲୋମଗଦା ଉପରେ
କାକର ପଡ଼େ ଓ
ସମସ୍ତ ଭୂମି ଶୁଷ୍କ
ରହେ, ଗିଦିୟୋନ୍
ବିନତି କଲେ,
ତେବେ ତୁମ୍ଭ ବାକ୍ୟାନୁଷାରେ
ମୋ ହସ୍ତଦ୍ୱାରା ଇସ୍ରଏଲକୁ ଉଦ୍ଧାର କରିବ
ବୋଲି ମୁଁ ଜାଣିବି । ପ୍ରଭାତରେ ସମସ୍ତ ଭୂମି ଶୁଷ୍କ ଥିଲା କିନ୍ତୁ
ସେହି ଲୋମ ସମ୍ପୂର୍ଣ୍ଣ ଭାବରେ କାକରରେ ଭିଜି ଯାଇଥିଲା ।

ପୁଣିମଧ୍ୟ ଗିଦିୟୋନ୍ ସଂଦେହ କଲେ ।
ବର୍ତ୍ତମାନ୍ ସେ ଚାହାନ୍ତି ଯେ ସଦାପ୍ରଭୁ
କେବଳ ସମସ୍ତ ଭୂମିରେ କାକର ପଡ଼ୁ ମାତ୍ର
ଲୋମ ଉପରେ ଶୁଷ୍କତା ହେଉ । ପ୍ରଭାତ
ସମୟରେ ସେପରି ହେଲା କେବଳ ଲୋମ
ଉପରେ ଶୁଷ୍କତା
ହେଲା ଓ ଭୂମିରେ
କାକର ପଡ଼ିଲା ।



ଗିଦିୟୋନ୍ ଇସ୍ରାଏଲର ବତିଶ ହଜାର ସୈନ୍ୟଦଳ ସହିତ ବାହାରିଲେ ।

କିନ୍ତୁ ସଦାପ୍ରଭୁ ସେମାନଙ୍କର ସଂଖ୍ୟା ମାତ୍ର ତିନିଶହରେ ରଖିଲେ ।

ସଦାପ୍ରଭୁ ଚାହୁଁନଥିଲେ ଯେ ସେମାନେ କୁହନ୍ତୁ, ଆମ୍ଭ ନିଜ ହସ୍ତ ଆମ୍ଭକୁ ରକ୍ଷା କରିଅଛି ।




କେବଳ ସଦାପ୍ରଭୁ ଇସ୍ରାଏଲର ରକ୍ଷକ ଅଟନ୍ତି ।

ଏବେମଧ୍ୟ ଗିଦିୟୋନ୍ ଭୟଭିତ ଏହାଜାଣି, ସଦାପ୍ରଭୁ ଗିଦିୟୋନ୍‌ଙ୍କୁ ତମ୍ବୁ ନିକଟକୁ ନେଇଗେଲ ଯେଉଁଠାରେ ସେ ଏକ ମିଦିୟୋନିୟ ଅନ୍ୟ ଏକ ମିଦିୟୋନିୟକୁ ନିଜର ସ୍ୱପ୍ନ କଥା କହିବାର ଶୁଣିଲେ । ଏକ ଯବରୋଟୀ ମିଦିୟନୀୟ ଛାଉଣି ଆଡ଼କୁ ଗଡ଼ି ଆସି ଆଘାତ କରନ୍ତେ ତାହା ପଡ଼ିଗଲା ।





ଅନ୍ୟ ଏକ ସୈନ୍ୟଟି ଭୟରେ କମ୍ପିଉଠିଲା । ଏହା ଗିଦିୟୋନର ଖଡ୍ଗ ଅଟେ ସେ କହିଲେ । ଯେତେବେଳେ ଗିଦିୟୋନ୍ ସେହି ସ୍ୱପ୍ନ କଥା ଓ ତାହାର ଅର୍ଥ ଶୁଣିଲେ, ସେ ଜାଣିଲେ ଯେ ସଦାପ୍ରଭୁ ସେମାନଙ୍କୁ ବିଜୟୀ କରିବେ ।

ଗିଦିୟୋନ୍ ରାତ୍ର ସମୟରେ ଆକ୍ରମଣ କରିବାକୁ ସ୍ଥିର କଲେ । ସେ ପ୍ରତ୍ୟେକ ସୈନ୍ୟକୁ ଏକ ତୂରୀ ଓ ଶୂନ୍ୟ କଳଶ ଓ କଳଶ ମଧ୍ୟରେ ଦିହୁଡ଼ି ଦେଲେ । ସେମାନେ ମିଦିୟୋନ ସୈନ୍ୟମାନଙ୍କ ଛାଉଣିକୁ ଘେରିଲେ ।



ଗିଦିୟୋନ୍‌ଙ୍କ ଇଙ୍ଗିତରେ, ସୈନ୍ୟମାନେ ସେମାନଙ୍କର ତୂରୀ ବଜାଇଲେ, ଓ ସେମାନଙ୍କ ହସ୍ତର କଳଶ ଭାଙ୍ଗି ପକାଇଲେ ଏବଂ ଦିହୁଡ଼ି ଜଳାଇଲେ । କି ଶବ୍ଦ! କି ଭ୍ରାନ୍ତି! ଭୟଭିତ ମିଦିୟୋନ୍ ସୈନ୍ୟମାନେ ନିଦ୍ରାରୁ ଉଠି ପଳାୟନ କଲେ ।



ଏହି ମହା ବିଜୟ ପରେ, ଇସ୍ରାଏଲିୟ ଲୋକମାନେ ଗିଦିୟୋନ୍‌ଙ୍କୁ କହିଲେ, ତୁମ୍ଭେ ଆମ୍ଭମାନଙ୍କର କର୍ତ୍ତୁତ୍ୱ କର । ମୁଁ ତୁମ୍ଭମାନଙ୍କ ଉପରେ କର୍ତ୍ତୁତ୍ୱ କରିବି ନାହିଁ ।



ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବେ, ଗିଦିୟୋନ୍ କହିଲେ ।

ସେ ଜାଣିଥିଲେ ଯେ କେବଳ ସଦାପ୍ରଭୁଙ୍କ ଲୋକମାନଙ୍କ ଜୀବନରେ

କର୍ତ୍ତୃତ୍ୱ କରିବା

ଅଧିକାର

ଅଛି ।



# ଗିଦିୟୋନ୍‌ଙ୍କର ଛୋଟ ସୈନ୍ୟଦଳ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ବିଚାରକର୍ତ୍ତା ୬-୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬